ପାଠ-୨୦

# ମୂଷିକ ରାଜା



ଉଭା ହେଲେ ଆସି ମୂଷିକ ରାଜା,
ଧୂପ ଦୀପ ଜାଳି କରିଲେ ପୂଜା ।
ଭେରୀ ତୂରୀ ବାଜା ଉଠିଲା ବାଜି,
ମନ ମଉଜରେ କରିଲେ ଭୋଜି ।
ସରାଗେ ବସିଲେ ଖାଇବା ପାଇଁ,
ଊଣା ଅଧିକ କେ କହିଲେ ନାହିଁ ।

# ଅଭ୍ୟାସ

୧. ଆସ ଚିତ୍ର ଦେଖି ପଢ଼ିବା ।


ଊଣା


ଅଧିକ


ମୂଷା


ମୟୂର


ତୂରୀ


ମୂଳା

୨. ( ୂ ) 'ଊ'କାର ଲଗାଇ ଲେଖିବା ଓ ତାକୁ ପଢ଼ିବା ।


ମଳା


ତରୀ

୩. (କ) 'ଊ'କାର ( ୂ ) ମାତ୍ରା ତଳେ ଗାର ଦେବା ।

ଧୂଳିମଳି ଧଳାମୂଳା ଧୂପଦୀପ

ପୂଜାପରବ ଭେରୀତୂରୀ ଧୂପଦାନି

(ଖ)



ଉପର ଚିତ୍ରରୁ ପୂଜା ପର୍ବରେ ଯେଉଁ ବାଜାଗୁଡ଼ିକ ବ୍ୟବହାର କରାଯାଏ ତା' ତଳେ ଗାର ଦେବା । ପୂଜାରେ ଯେଉଁ ଜିନିଷଗୁଡ଼ିକ ବ୍ୟବହାର କରାଯାଏ ତା'ର ଚାରିପାଖରେ ଗୋଲ ବୁଲାଇବା ।

୪. ଆସ ଆମ୍ବ ମିଶାଇ ଖାଇବା ।




କ) ସୀତା ଓ ରୀତାର ଆମ୍ବ ମିଶି କେତେ ?

ଖ) ମିତା ଓ ରୀତା ପାଖରେ ମିଶି କେତୋଟି ଆମ୍ବ ଅଛି ?

ଗ) ଗୀତା ଓ ସୀତାର ଆମ୍ବ ମିଶି କେତେ ହେବ ?

ଘ) ଗୀତା ଓ ମିତାର ଆମ୍ବ ମିଶି କେତେ ?

ଙ) ସୀତା ଓ ମିତାର ଆମ୍ବ ମିଶି କେତୋଟି ଅଛି ?

୫. ଶୂନ୍ୟସ୍ଥାନ ପୂରଣ କରି କହିବା ।

୫ଟି ଆମ୍ବ + ୫ଟି ଆମ୍ବ = ___ ଟି ଆମ୍ବ

୮ଟି ଆମ୍ବ + ୫ଟି ଆମ୍ବ = ___ ଟି ଆମ୍ବ

୭ଟି ଆମ୍ବ + ୪ଟି ଆମ୍ବ = ___ ଟି ଆମ୍ବ

___ ଟି ଆମ୍ବ + ୭ଟି ଆମ୍ବ = ୧୧ ଟି ଆମ୍ବ

___ ଟି ଆମ୍ବ + ___ ଟି ଆମ୍ବ = ୧୫ ଟି ଆମ୍ବ

୬. ତୁମ ମୁଣ୍ଡପାଇଁ ଗୋଟିଏ କାଗଜପଟି ତିଆରି କରିବା । ଦେଖିବା, ସାଙ୍ଗମାନଙ୍କ ଭିତରେ କାହା ମୁଣ୍ଡ ପଟିଟି ବଡ଼ ।

୭. ଆସ ପଢ଼ିବା ।

ନୂଆଖାଇ ଓଡ଼ିଶାର ଏକ ବଡ଼ ପରବ ।

ସେହିଦିନ ନୂଆଧାନ ଓ ପରିବା ଠାକୁରଙ୍କୁ ଭୋଗ କରାଯାଏ ।

ବଡ଼ମାନେ ସେହିଦିନ ସାନମାନଙ୍କୁ ଆଶିଷ କରନ୍ତି ।

ନୂଆଖାଇ ଦିନ ଲୋକମାନେ ବହୁତ ମଜା କରନ୍ତି ।

୮. ତୁମ ଘରେ ପାଳନ କରାଯାଉଥିବା ଯେ କୌଣସି ପର୍ବ ଉପରେ କହିବା ।

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- କବିତାଟିକୁ ୩/୪ ଥର ଆବୃତ୍ତି କରାଯିବ। ଆବୃତ୍ତି କଲାବେଳେ ଶିକ୍ଷକ ଅଙ୍ଗଭଙ୍ଗୀ କରିବେ। ପଦରୁ ଧାଡ଼ି, ଧାଡ଼ିରୁ ଅଧା ଧାଡ଼ି, ଅଧା ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ ହେବ।
- ଅଭ୍ୟାସ କାର୍ଯ୍ୟ ୧ ବେଳେ ଗ୍ଲାସରେ ଅଧିକ ଓ ଊଣା ପାଣି, ଥାଳିଆରେ ଅଧିକ ବାଲି, କମ୍ ବାଲି ଇତ୍ୟାଦି ବିଷୟରେ କାମ କରାଯିବ।
- ଅଭ୍ୟାସ କାର୍ଯ୍ୟ ୨ ପାଇଁ ' ୂ ' ଲଗାଇ ଆଉ କିଛି ଶବ୍ଦ ଲେଖିବା ପାଇଁ ଦେବେ।
- ଅଭ୍ୟାସ କାର୍ଯ୍ୟ ୪ରେ ଥିବା ବାଦ୍ୟଯନ୍ତ୍ରଗୁଡ଼ିକ ବିଷୟରେ ଆଲୋଚନା କରାଯିବ । ଯଥା– କେଉଁଥିରୁ ତିଆରି, ଏହାର ନାମ, କେଉଁଗୁଡ଼ିକ ତମେ ଦେଖିଛ, କେମିତି ଶବ୍ଦ ହୁଏ ଇତ୍ୟାଦି ।
- ଅଭ୍ୟାସ କାର୍ଯ୍ୟ ୭ରେ ମୁଣ୍ଡ ଛଡ଼ା ହାତର ଗଣ୍ଠି, କାନ୍ଧ ପାଖ, ବେକକୁ ମଧ୍ୟ ପିଲାମାନେ କାଗଜ ପଟିରେ ମାପିବେ ଓ ତୁଳନା କରିବେ।
- ଅଭ୍ୟାସ କାର୍ଯ୍ୟ ୮ରେ ନୂଆଖାଇ ପରି ଅନ୍ୟାନ୍ୟ ଆଞ୍ଚଳିକ ପର୍ବପର୍ବାଣି ଉପରେ ବାକ୍ୟ ଲେଖି ପଠନ ଅଭ୍ୟାସ କରାଯିବ।
- ଏହି ପାଠ ପାଇଁ ଅନ୍ୟୂନ ୨୨ଟି ପିରିଅଡ଼୍ ରହିଛି। ଏହି ପାଠରେ ' ୂ ' କାରର ବ୍ୟବହାର, ଏହାର ଚିହ୍ନଟ, ଊଣା ଅଧିକ ବିଷୟରେ ଧାରଣା, ସରଳ ଶବ୍ଦ ଓ ବାକ୍ୟର ପଠନ, ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର, ଯୋଗଫଳ, ୧୮ ମଧ୍ୟରେ ହେଉଥିବା ଦୁଇଟି ସଂଖ୍ୟାର ଯୋଗ, ଅନୁଚ୍ଛେଦ ପଠନ, ସୃଜନାତ୍ମକ ଚିନ୍ତନ, ତଥ୍ୟ ସଂଗ୍ରହ ଇତ୍ୟାଦି ଆଧାରିତ ଦକ୍ଷତାର ବିକାଶ ହେବା ଆବଶ୍ୟକ।